# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 21st September - 2026
***********************************

***Desk***

## ବିଧାନସଭା ଅଧିବେଶନ

ରାଜ୍ୟ ବିଧାନସଭାର ସପ୍ତମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ସାଢ଼େ ୧୧ଟାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ବାଚସ୍ପତି ସୁରୁଖୁରୁରେ ଗୃହ ପରିଚାଳନା ନେଇ ଉଭୟ ସରକାରୀ ଓ ବିରୋଧୀ ଦଳଙ୍କ ସହାୟତା ଲୋଡ଼ିବେ । ଅଧିବେଶନ ସମୟରେ ୮ଟି ସରକାରୀ ଓ ଗୋଟିଏ ବେସରକାରୀ କାର୍ଯ୍ୟଦିବସକୁ ମିଶାଇ ମୋଟ୍ ୯ଟି କାର୍ଯ୍ୟଦିବସ ରହିବ ।

***Desk***

## ଏସ୍.ଆଇ.ଆର୍

ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର୍. ୨୦୨୬ ସମ୍ପର୍କିତ ଚୂଡ଼ାନ୍ତ ଭୋଟର ତାଲିକା ଆଜି ପ୍ରକାଶ ପାଇବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ

ଅପରାହ୍ଣରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିବେ ।

***Desk***

# ଅତ୍ୟାଧୁନିକ ଷ୍ଟାଡିୟମ୍

ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ନେଇ ସରକାର ସମସ୍ତ ୩୧୪ଟି ବ୍ଲକ୍‌ରେ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ୍ ନିର୍ମାଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କଟକ ବାରବାଟୀ ଷ୍ଟାଡିୟମ୍‌ରେ ଓଡ଼ିଶା ଟି-ଟ୍ୱେଣ୍ଟି ସି.ଏମ୍. ଟ୍ରଫିର ଦ୍ୱିତୀୟ ସଂସ୍କରଣକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭୁବନେଶ୍ୱର ଗୋଠପାଟଣାଠାରେ ଏକ ହାଇଟେକ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ । ବାରବାଟି ଷ୍ଟାଡିୟମ୍ ସମ୍ପୂର୍ଣ୍ଣ ନବୀକରଣ କରାଯାଇ ଏହାକୁ ଦେଶର ଶ୍ରେଷ୍ଠ କ୍ରୀଡ଼ାସ୍ଥଳୀରେ ପରିଣତ କରିବାପାଇଁ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

ଗତକାଲିର ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ୱାରିୟର୍ସ’ କଟକ ପାନ୍ଥର୍ସକୁ ୯ ରନ୍‌ରେ ପରାସ୍ତ କରିଛି ।

***Desk***

# ଏଚ୍.ପି.ଭି. ଟିକା

ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ୨ ଲକ୍ଷ ୪୩ ହଜାର ୯୩୫ ଜଣ କିଶୋରୀଙ୍କୁ ଏଚ୍.ପି.ଭି. ଟିକା ପ୍ରଦାନ କରାଯାଇଛି । ଗର୍ଭାଶୟ ଗ୍ରୀବା କର୍କଟକୁ ନିୟନ୍ତ୍ରଣ କରିବାପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଟିକାକରଣ କାର୍ଯ୍ୟକ୍ରମ ଜାରି ରହିଛି । ଏପର୍ଯ୍ୟନ୍ତ ଧାର୍ଯ୍ୟ ଲକ୍ଷ୍ୟର ୭୨ ଦଶମିକ ୫ ପ୍ରତିଶତ ଟିକାକରଣ ହୋଇସାରିଛି । ଗଜପତି ଜିଲ୍ଲାରେ ଧାର୍ଯ୍ୟଲକ୍ଷ୍ୟଠାରୁ ୨୧ ପ୍ରତିଶତ ଅଧିକ ଟିକାକରଣ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

# ପାଣିପାଗ

ଉତ୍ତର ଆଣ୍ଡାମାନ ସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି । ଏହା ଘନୀଭୂତ ହୋଇ ଆଜି ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତର ରୂପ ନେବା ସହ ପରେ ଗଭୀର ଅବପାତର ରୂପ ନେଇ ଆସନ୍ତା ବୁଧବାର ସୁଦ୍ଧା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି । ଲଘୁଚାପର ପ୍ରଭାବରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ  ୮ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି

ସହ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ଏଥିସହିତ ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି :

***Voice** :.........*

***Ganjam/R***

# ଲଘୁଚାପ - ସତର୍କ ସୂଚନା

ସମ୍ଭାବ୍ୟ ପ୍ରବଳ ବର୍ଷା ଓ ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ପ୍ରସ୍ତୁତିର ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ନିର୍ଦ୍ଦେଶ ଦେଇଛନ୍ତି । ୨୫ ତାରିଖ ପର୍ଯ୍ୟନ୍ତ ସଦର ମହକୁମା ନ ଛାଡ଼ିବାକୁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୨୩ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ପ୍ରବେଶ ନ କରିବାପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି ।

***Bhadrak/R***

# ସ୍ୱଚ୍ଛ ସାଗର - ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନ ପଦଯାତ୍ରା ସ୍ଥାନୀ ଅଞ୍ଚଳ ପରିକ୍ରମା କରିବା ସହ ବୈତରଣୀ ନଦୀ ଘାଟରେ ସାଗର ଆଳତି ସହ ସମ୍ପନ୍ନ ହୋଇଛି ।

***Malkangiri/R***

# ସେବା ସଙ୍କଳ୍ପ ଅଭିଯାନ ପ୍ରସ୍ତୁତି

ସେବା ସଙ୍କଳ୍ପ ଅଭିଯାନ ଅଧୀନରେ ମାଲକାନଗିରି ଜିଲ୍ଲାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକର ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାସ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଭିଯାନ ଅଧୀନରେ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଛି ।

*Malkangiri/R*

## ଉଲ୍ଲାସ - ସାକ୍ଷରତା ଅଭିଯାନ

ମାଲକାନଗିରି ଜିଲ୍ଲାରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅଧୀନରେ ସାକ୍ଷରତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ପ୍ରାୟ ୧ ହଜାର ୧୩୯ଟି କେନ୍ଦ୍ରରେ ୫୦ ହଜାର ୬୪୭ ଜଣ ପରୀକ୍ଷା ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ କାର୍ଯ୍ୟକ୍ରମ ଅଧୀନରେ ୧୫ ବର୍ଷ ବୟସରୁ ଉର୍ଦ୍ଧ୍ୱଙ୍କୁ ସାକ୍ଷର କରିବା ଲକ୍ଷ ନେଇ 'ଉଲ୍ଲାସ' ଅଭିଯାନ କାର୍ଯ୍ୟକାରୀ କରାଯାଇଛି ।

*Desk*

## ଗଣେଶ ଭସାଣ

କଟକରେ ଗତକାଲି ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୪୩୦ଟି ମୂର୍ତ୍ତି ବିସର୍ଜନ ହୋଇଥିବା କମିଶନରେଟ୍ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ରବିବାର ଦ୍ୱିତୀୟ ପର୍ଯ୍ୟାୟ ଭସାଣ ଅନୁଷ୍ଠିତ ହେବ ।

*Desk*

# ଅଲ୍‌ଜାଇମର୍ସ ଦିବସ

ବାର୍ଦ୍ଧକ୍ୟରେ ଦେଖାଦେଉଥିବା ସ୍ମୃତିକ୍ଷୟ ବା ଅଲ୍‌ଜାଇମର୍ସ ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ବିଶ୍ୱ ଅଲ୍‌ଜାଇମର୍ସ ଦିବସ ପାଳନ କରାଯାଉଛି । "ଶୀଘ୍ର ଜାଣିଲେ ତ୍ୱରିତ ପଦକ୍ଷେପ ନେଇପାରିବେ; ଡିମେନ୍‌ସିଆର ଚିହ୍ନଟ ଅତ୍ୟନ୍ତ ଜରୁରୀ" ବାର୍ତ୍ତା ନେଇ ଚଳିତ ବର୍ଷ ଏହି ଦିବସ ପାଳନ କରାଯାଉଛି । ଭାରତରେ ଚିହ୍ନଟ ହୋଇଥିବା ୮୮ ଲକ୍ଷରୁ ଅଧିକ ଡିମେନ୍‌ସିଆ ପୀଡ଼ିତ ରୋଗୀଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଅଲ୍‌ଜାଇମର୍ସ ରୋଗରେ ପୀଡ଼ିତ ବୋଲି ଜଣାପଡ଼ିଛି ।

*Nuapada/R*

# ଫୁଟ୍‌ବଲ୍

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ୍ ପଡ଼ିଆରେ ଚତୁର୍ଥ ଫୁଟ୍‌ବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ଆସନ୍ତାମାସ ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଣସ୍ତରିଟି ଦଳ ଏଥିରେ ସାମିଲ୍ ହୋଇଛନ୍ତି ।

*****